# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 August - 2024**

**News Editor : *Itishree Singh Rathaur***

# ରାକ୍ଷୀ ପୂର୍ଣ୍ଣିମା-ଶ୍ରୀମନ୍ଦିର

ପବିତ୍ର ଶ୍ରାବଣ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପରମ୍ପରା ଅନୁସାରେ ଆଜି ଗହ୍ମାପୂର୍ଣ୍ଣମୀ ନୀତି ସହିତ ପ୍ରଭୁ ଶ୍ରୀ ବଳଭଦ୍ରଙ୍କର ଜନ୍ମ ଉତ୍ସବ ନୀତି ପାଳିତ ହେଉଛି । ମଧ୍ୟାହ୍ନ ଧୂପ ପରେ ଭଉଣୀ ସୁଭଦ୍ରା' ଭାଇ ପ୍ରଭୁ ଶ୍ରୀ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ରାକ୍ଷୀ ପିନ୍ଧାଇବେ । ଭାଇଭଉଣୀଙ୍କର ପବିତ୍ର ସଂପର୍କର ନିଦର୍ଶନ ସ୍ୱରୂପ ପାଟରା ବିଶୋଇଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ରାକ୍ଷୀ ଓ ଗୁଆମାଳକୁ ସିଂହାରୀ ସେବକମାନେ ମହାପ୍ରଭୁଙ୍କ ହାତରେ ଲାଗି କରାଇବେ । ଶ୍ରୀମନ୍ଦିରରେ ମଧ୍ୟ ଆଜି ଦ୍ୱିପହର ଧୂପ ପରେ ମଙ୍ଗଳାର୍ପଣ କରାଯାଇ ଶ୍ରୀ ବଳଭଦ୍ରଙ୍କର ଜନ୍ମନୀତି ଅନୁଷ୍ଠିତ ହେବା ସହିତ ଚକ୍ରରାଜ ସୁଦର୍ଶନ ବିମାନରେ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିବେ । ବିମାନବଡୁ ସେବକମାନେ ସୁଦର୍ଶନଙ୍କୁ ବିମାନରେ ବିଜେ କରାଇ ଚାରି ଆଶ୍ରମ ଭ୍ରମଣ କରାଇବା ପରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ । ଶ୍ରୀଜୀଉମାନଙ୍କର ଏହି ବିଶେଷ ନୀତି ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତମାନଙ୍କର ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଛି ।

# ରକ୍ଷାବନ୍ଧନ

ପବିତ୍ର ରକ୍ଷାବନ୍ଧନ ଅବସରରେ ବିଭିନ୍ନ ମନ୍ଦିର ଗୁଡ଼ିକରେ ପୂଜାର୍ଚ୍ଚନା ସହିତ ରକ୍ଷା ବନ୍ଧନ ଉତ୍ସବ ପାଳିତ ହେଉଛି । ଭାଇମାନଙ୍କ ମଙ୍ଗଳ କାମନା କରି ଭଉଣୀମାନେ ରାକ୍ଷୀ ବାନ୍ଧିବାର ପରମ୍ପରା ରହିଛି ।

ପବିତ୍ର ଗହ୍ମା ପୂର୍ଣ୍ଣିମା ଏବଂ ଶ୍ରୀବଳଦେବଙ୍କ ଜନ୍ମଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ପ୍ରଭୁ ଶ୍ରୀ ବଳଦେବଙ୍କର ଜନ୍ମଦିବସ ପାଳନରେ ଗୋପୂଜନ କରାଯାଇଥାଏ । ମାନବ ସମାଜକୁ ଗୋ-ଜାତିର ଅବଦାନକୁ ଏହା ସ୍ମରଣ କରାଇଥାଏ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

## ସୁପର ମୁନ୍

ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ଚଳିତବର୍ଷର ପୂର୍ଣ୍ଣ ଚନ୍ଦ୍ର ଦୃଶ୍ୟମାନ ଆଜି ହେବ । ଆମେରିକୀୟ ଜ୍ୟୋତିଷ ରିଚାଡ ନଲ୍ ୧୯୭୯ ମସିହାରେ ପୂର୍ଣ୍ଣ ଚନ୍ଦ୍ରକୁ ସୁପର୍ ମୁନ୍ ଭାବେ ଆଖ୍ୟା ଦେଇଥିଲେ । ଚଳିତବର୍ଷ ୪ ଗୋଟି ପୂର୍ଣ୍ଣ ଚନ୍ଦ୍ର ବା ସୁପର୍ ମୁନ୍ ଦୃଶ୍ୟମାନ ହେବ । ପୂର୍ଣ୍ଣ ଚନ୍ଦ୍ର ଦିନରେ ଚନ୍ଦ୍ର ସାଧାରଣ  ଦିନ ଅପେକ୍ଷା ୯ ପ୍ରତିଶତ ବଡ଼ ଏବଂ ୨୦ ପ୍ରତିଶତ ଅଧିକ ଉଜ୍ଜ୍ୱଳ ଦେଖାଯିବ ।

## ଚାଷୀ ପଞ୍ଜୀକରଣ

ରାଜ୍ୟ ସରକାର ଖରିଫ ଧାନ ସଂଗ୍ରହ ପାଇଁ ଚାଷୀମାନଙ୍କର ପଞ୍ଜୀକରଣ ଶେଷ ତାରିଖ ଆସନ୍ତା ୨୨ ତାରିଖ ଗୁରୁବାର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ଅବଧି ବୃଦ୍ଧି ନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି । ଖରିଫ ଧାନ ବିକ୍ରି ପାଇଁ ଚାଷୀମାନଙ୍କର ନାମ ପଞ୍ଜୀକରଣ ବେଳେ କୌଣସି ସମସ୍ୟା ଦେଖାଦେଲେ ଟୋଲ୍ ଫ୍ରି ନମ୍ବର ୧୯୬୭ରେ ଯୋଗାଯୋଗ କରି

ଅଭିଯୋଗ ଜଣାଇ ପାରିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ।

## ନାମଲେଖା

ରାଜ୍ୟର ବିଭିନ୍ନ ବି.ଏଡ୍ କଲେଜ ଗୁଡ଼ିକରେ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୮୦ ପ୍ରତିଶତ ଶିକ୍ଷାର୍ଥୀ ନାମ ଲେଖାଇଛନ୍ତି । ସୂଚନା ଅନୁସାରେ ବି.ଏଡ୍ ପାଠ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮୩ ପ୍ରତିଶତ ସିଟ୍ ପୂରଣ ହୋଇଛି । ସେହିଭଳି ଏମ୍.ଏଡ୍‌ରେ ୫୫ ପ୍ରତିଶତ ସିଟ୍ ପୂରଣ ହୋଇଛି । ହିନ୍ଦୀ ବି.ଏଡ୍‌ରେ ୮୮ ପ୍ରତିଶତ ଶିକ୍ଷାର୍ଥୀ ନାମ ଲେଖାଇଥିବା ସାମ୍‌ସ ୱେବ୍‌ସାଇଟ୍ ତଥ୍ୟରୁ ଜଣାପଡ଼ିଛି । ଆସନ୍ତା ୨୪ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଏବଂ ସେପ୍ଟେମ୍ବର ମାସ ୨୩ ତାରିଖରୁ ପାଠପଢ଼ା ଆରମ୍ଭ ହେବ । ସୂଚନାଯୋଗ୍ୟ ରାଜ୍ୟର ୩୧ଟି ଶିକ୍ଷାନୁଷ୍ଠାନରେ ବି.ଏଡ୍, ଏମ୍.ଏଡ୍ ଏବଂ ହିନ୍ଦୀ ବି.ଏଡ୍ ପାଇଁ ମୋଟ୍ ୨ ହଜାର ୭୫୦ ଆସନ ରହିଛି ।

## ଜନ ଅଭିଯୋଗ ଶୁଣାଣି

ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ଆଜି ରାଜ୍ୟ ସରକାର ଛୁଟି ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୬ ତାରିଖରେ ମଧ୍ୟ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ ।

# ମାନବିକତା ଦିବସ

ଯୁଦ୍ଧ ଓ ସଂଘର୍ଷ ସ୍ଥିତିର ସମ୍ମୁଖୀନ ହେଉଥିବା ପୃଥିବୀରେ ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ସଂପର୍କରେ ସଚେତନତା ସୃଷ୍ଟି କରାଇବା ନେଇ ଆଜି ବିଶ୍ୱରେ ବିଶ୍ୱ ମାନବିକତା ଦିବସ ପାଳନ କରାଯାଉଛି । ମାନବ ସେବାରେ ଜୀବନ ଉତ୍ସର୍ଗ କରିଥିବା ଓ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କୁ  ସମ୍ମାନ ଓ ସମର୍ଥନ ଦେବା ଉଦ୍ଦେଶ୍ୟରେ ମଧ୍ୟ ଏହି ଦିବସ ପାଳନ କରାଯାଇଥାଏ । ପୃଥିବୀରେ ବର୍ତ୍ତମାନ କୋଟି କୋଟି ଲୋକ ଯୁଦ୍ଧ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଭଳି ସଂକଟର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ମାନବୀୟ ସହାୟତା ଦେବା ପାଇଁ ୨୦୦୮ ମସିହାରେ ଜାତିସଂଘ ସାଧାରଣ ସଭା ଦ୍ୱାରା ବିଶ୍ୱ ମାନବିକତା ଦିବସ ପାଳନ ନେଇ ନିଷ୍ପତ୍ତି ନିଆଯାଇଥିଲା ଏବଂ ୨୦୦୯ ମସିହା ଠାରୁ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ କରାଯାଉଛି ।

---

# ବଜ୍ରପାତ ମୃତ୍ୟୁ

ବଜ୍ରପାତ ଯୋଗୁଁ ଗତକାଲି ଆଉ ୭ଜଣଙ୍କର ଜୀବନ ଯାଇଥିବା ସୂଚନା ମିଳିଛି । ଶନିବାର ଦିନ ଘଟିଥିବା ବଜ୍ରପାତ ଏବଂ ଗତକାଲିର ବଜ୍ରପାତକୁ ମିଶାଇ ଗତ ୨ ଦିନ ଭିତରେ  ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା ୧୭ରେ ପହଂଚିଛି । ଗତକାଲି ବଜ୍ରପାତରେ କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ସୁବର୍ଣ୍ଣପୁର ଜିଲ୍ଲାରୁ ୭ ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

---

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ମୟୂରଭଞ୍ଜ, କେନ୍ଦୁଝର ସୁନ୍ଦରଗଡ, ଦେବଗଡ, ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲାରେ  ବିଭିନ୍ନ ସ୍ଥାନରେ ୭୦ରୁ ୧୧୦ ମିଲିମିଟର ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା ରହିଛି । ଲଘୁଚାପ ବର୍ତ୍ତମାନ ବାଂଲାଦେଶର ଦକ୍ଷିଣ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇଛି । ଲଘୁଚାପ ଅବପାତରେ ପରିଣତ ହେବାର ସ୍ୱଷ୍ଟ ଚିତ୍ର ଆଜି ଜଣାପଡ଼ିପାରେ ବୋଲି ପାଣିପାଗ ବିଭାଗ କହିଛି । ଆସନ୍ତାକାଲି ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷାର ସମ୍ଭାବନା ରହିଥିବା ଜଣାପଡ଼ିଛି ।